# ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଙ୍କ କାର୍ଯ୍ୟାଳୟ,ଢେଙ୍କାନାଳ ସଦର

**ବିଜ୍ଞାପନ ସଂଖ୍ୟା........୪୦୮........ତାରିଖ...୦୮.୧୨.୨୦୨୪...........**

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଢେଙ୍କାନାଳ ସଦର ସମନ୍ଵିତ ଶିଶୁ ବିକାଶ ଅଧୀନ ରେ ଖାଲି ପଡିଥିବା ୧ ଗୋଟି ଅଙ୍ଗନୱାଡି କେନ୍ଦ୍ର ଗୋବିନ୍ଦପୁର-ଗ ର ଅଙ୍ଗନୱାଡି **କର୍ମୀ** ନିଯୁକ୍ତି ନିମନ୍ତେ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳର ଯୋଗ୍ୟପ୍ରାର୍ଥିନୀ ମାନଙ୍କ ଠାରୁ **Online Portal** ମାଧ୍ୟମରେ ଦରଖାସ୍ତ ଆହ୍ଵାନ କରାଯାଉଅଛି। ଆଗ୍ରହୀ ପ୍ରାର୍ଥିନୀ ମାନେ **ତା.୧୦.୧୨.୨୦୨୪ରିଖ** ଠାରୁ **ତା.୨୪.୧୨.୨୦୨୪ରିଖ** ପର୍ଯ୍ୟନ୍ତ **Online** ମାଧ୍ୟମରେ ଆବେଦନ କରିପାରିବେ। ଦରଖାସ୍ତ ଗ୍ରହଣର ଶେଷ ତାରିଖ **୨୪.୧୨.୨୦୨୪**ଅପରାହ୍ନ **୫.୩୦**ଘଟିକା ପର୍ଯ୍ୟନ୍ତ। କେବଳ ନିମ୍ନଲିଖିତ ଯୋଗ୍ୟତା ଥିବା ପାର୍ଥିନୀ ମାନେ ଆବେଦନ କରିପାରିବେ।

**ପ୍ରକାଶଥାଉକି ଏହି ବିଜ୍ଞାପନ ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ ରଦ୍ଦ କରାଯାଇପାରିବ ।**

୧. ଆଗ୍ରହୀ ମହିଳା ପାର୍ଥିନୀ ମାନେ Website: http://engagement-awc.odisha.gov.in ରେ ରେଜିଷ୍ଟ୍ରେସନ କରିବେ ଏବଂ Public Login କରି (Username & Password) ନିର୍ଦ୍ଧାରିତ ତାରିଖ ତଥା ସମୟ ମଧ୍ୟରେ ଆବେଦନ କରି ତତ୍ ସମ୍ପର୍କିତ ପ୍ରାପ୍ତି ସ୍ୱୀକାର ପାଇପାରିବେ। ଆପଣମାନେ ମଧ୍ୟ Engagement-AWC Portal ର homepage ରେ **How to apply for AWW vacancies ଟ୍ୟାବ୍ ରୁ ଦରଖାସ୍ତ କରିବାର ସମସ୍ତ ଉପଦେଶ ପାଇପାରିବେ ।**

୨. ପ୍ରାର୍ଥିନୀଙ୍କର ବୟସ ତା-୦୧-୦୧-୨୦୨୪ରିଖ ସୁଦ୍ଧା ୧୮ବର୍ଷ ରୁ ୩୫ବର୍ଷ ମଧ୍ୟରେ ହେଇଥିବା ଆବଶ୍ୟକ।

୩. ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡିକେନ୍ଦ୍ର ସର୍ଭେ ତଥା ସେବା ପରିସର ଭୁକ୍ତ ଅଞ୍ଚଳର ସ୍ଥାୟୀବାସିନ୍ଦା ହେଇଥିବେ ଏବଂ ପରିସର ମଧ୍ୟରେ ବସବାସ କରୁଥିବେ। ଅନ୍ୟଥା ଯୋଗ୍ୟ ପ୍ରାର୍ଥିନୀ ନମିଳିଲେ ସେହି ଗ୍ରାମର କିମ୍ୱା ପାଖ ଗ୍ରାମ ଉକ୍ତ ପଞ୍ଚାୟତ ଅଧିନର ପ୍ରାର୍ଥିନୀ ମଧ୍ୟ ଆବେଦନ କରିପାରିବେ।

୪. ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା ଦ୍ଵାଦଶ (+୨) ପାସ୍ କିମ୍ୱା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ। ଅଧିକ ଶିକ୍ଷାଗତ ଯୋଗ୍ୟତାଥିବା ପାର୍ଥିନୀଙ୍କୁ ଗ୍ରେସ୍ ଶତକଡ଼ା ମାର୍କ ଦିଆଯିବ।

୫. ବିଧବା,ସ୍ୱାମୀପରିତ୍ୟକ୍ତା, ଅନାଥମହିଳା, ଅସହାୟ,ବିକଳାଙ୍ଗ,ECCE କର୍ମୀ ଓ ବାଲୱାଡି କର୍ମୀଙ୍କୁ (ସଠିକ୍ ପ୍ରମାଣପତ୍ରଥାଇ)ଏହି ପଦବୀ ନିମନ୍ତେ ଗ୍ରେସ୍ ଶତକଡ଼ା ମାର୍କ ଦିଆଯିବ।

୬. ଓଡିଆ ଭାଷା ଉପରେ ଜ୍ଞାନଥିବା ବାଧ୍ୟତାମୂଳକ ।

୭. ଅଙ୍ଗନୱାଡିକେନ୍ଦ୍ରର ସହାୟିକା ସେହି କେନ୍ଦ୍ରର ପରିସରଭୁକ୍ତ ଥାଇ ଦ୍ଵାଦଶ (+୨) ପାସ୍ କରି ୫ବର୍ଷରୁ ଅଧିକ ଦିନ ଦାୟିତ୍ଵରେ ଥିଲେ ବିଚାରକୁ ନିଆଯିବ ,ଅନ୍ୟଥା ବିଚାରକୁ ନିଆଯିବ ନାହିଁ।

ଶ୍ରୀମତୀ ସରିତା ନନ୍ଦ ୦୮/୧୨/୨୦୨୪

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଢେଙ୍କାନାଳ ସଦର

**<u>ଆବେଦନ ପାଇଁ ଆବଶ୍ୟକୀୟ ପ୍ରମାଣପତ୍ର :-</u>**

୧. ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ, ମାର୍କସିଟର (ଆଗପଛ) ଅବିକଳ ନକଲଗୁଡିକ **online** ଫର୍ମରେ ଅପଲୋଡ କରିବେ।

୨. ତହସିଲ କାର୍ଯ୍ୟାଳୟରୁ ୦୧.୦୧.୨୦୨୫ ରିଖ ପରେ ପ୍ରାପ୍ତ ହେଇଥିବା ବାସିନ୍ଦାପ୍ରମାଣ ପତ୍ରର ଅବିକଳ ନକଲ **online** ଫର୍ମରେ ଅପଲୋଡ କରିବେ।

୩. ତହସିଲ କାର୍ଯ୍ୟାଳୟରୁ ପ୍ରାପ୍ତ ହେଇଥିବା ଜାତିଗତ ପ୍ରମାଣପତ୍ରର ଅବିକଳନକଲ **online** ଫର୍ମରେ ଅପଲୋଡ କରିବେ।

୪. ପ୍ରାର୍ଥିନୀ ନିଜଦସ୍ତଖତ, ଭୋଟର ପରିଚୟପତ୍ର ,ଆଧାରକାର୍ଡ, ବର୍ତ୍ତମାନର ପାସପୋର୍ଟ ଫଟୋ, ଅଙ୍ଗନୱାଡି କେନ୍ଦ୍ର ପରିସର ଗୃହ ସର୍ଭେ ସଂଖ୍ୟା ଗୁଡିକ **online** ଫର୍ମରେ ଅପଲୋଡ କରିବେ।

୫. ବିଧବା,ସ୍ୱାମୀପରିତ୍ୟକ୍ତା, ଅନାଥମହିଳା, ଅସହାୟ,ବିକଳାଙ୍ଗ,ECCE କର୍ମୀ ଓ ବାଲୱାଡି କର୍ମୀ ହୋଇଥିଲେ,ଏହାର ପ୍ରମାଣପତ୍ର **online** ଫର୍ମରେ ଅପଲୋଡ କରିବେ।

**ବିଃଦ୍ର- ସମସ୍ତ ଆନୁସଙ୍ଗିକ ପ୍ରମାଣପତ୍ର ର ନିଜ ଅନୁପ୍ରାମାଣିକ ନକଲ (Self-Attested Copy) online ଫର୍ମରେ ଅପଲୋଡ କରିବେ ।କୌଣସି ପରିସ୍ଥିତିରେ ନିର୍ଦ୍ଧାରିତ ତାରିଖ କିମ୍ବା ସମୟସୀମା ଅତିବାହିତ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ।ଅସମ୍ପୂର୍ଣ୍ଣ ତଥା ଆବଶ୍ୟକ ପ୍ରମାଣପତ୍ର ଅପଲୋଡ ହୋଇନଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ।(ଘୋଷଣା ପ୍ରମାଣପତ୍ର ଦାଖଲ ପାଇଁ କୌଣସି ଘୋଷଣାନାମା ଗ୍ରହଣକରାଯିବ ନାହିଁ)**

ପ୍ରାପ୍ତ ହେଇଥିବା ସମସ୍ତ **online** ଦରଖାସ୍ତ ଗୁଡିକ ନିମ୍ନସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟରେ ଆବେଦନ କରିବାର ଶେଷତାରିଖ ପରେ ଯାଞ୍ଚ କରାଯିବ। ଏଣୁ **ତା.୨୬.୧୨.୨୦୨୫ରିଖ** ଦିନ ୧୧ ଘଟିକା ସମୟରେ ନିଜର ମୂଳପ୍ରମାଣପତ୍ର ଗୁଡିକ ସହ ନିମ୍ନସ୍ୱାକ୍ଷରକାରୀ ଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ଭାଗ ନେବେ ନଚେତ ଦରଖାସ୍ତ ରଦ୍ଦ କରାଯିବ। ଖାରଜ ହେଇଥିବା କିମ୍ବା କାଏମଥିବା ଆବେଦନକାରୀ ଙ୍କ ତାଲିକା Online **website: http://engagement-awc.odisha.gov.in** ମାଧ୍ୟମରେ ପ୍ରକାଶ କରାଯିବ। ଯଦି କୌଣସି ଆବେଦନକାରୀ ଙ୍କ ଅଭିଯୋଗଥାଏ ,ସେମାନେ **Public Login** କରି **Online** ମାଧ୍ୟମରେ ୦୭ ଦିନ ମଧ୍ୟରେ ଅଭିଯୋଗ ଦାଖଲ କରିପାରିବେ।

**ସରକାରଙ୍କ ନିୟମ ଅନୁଯାୟୀ ମାସିକହାର ରେ ପାରିଶ୍ରମିକ ଦିଆଯାଇଥାଏ, ଯାହା କି ବର୍ତ୍ତମାନ ସ୍ଥଳେ ମାସକୁ ୧୦୦୦୦ (ଦଶ ହଜାରେ) ଟଙ୍କା ମାତ୍ର ଦିଆଯାଉଅଛି।**

ଶ୍ରୀମତୀ ସରିତା / ନନ୍ଦିନୀ, ୦୮/୧୨/୨୦୨୫

**ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ**

**ଢେଙ୍କାନାଳ ସଦର**

| କ୍ରମିକ ସଂଖ୍ୟା | ଗ୍ରାମ / ବିଜ୍ଞାପିତ ଅଞ୍ଚଳ ପରିଷଦର ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ | କେନ୍ଦ୍ର ସେବାପରିସର ଭୁକ୍ତଗ୍ରାମ /ରାଜସ୍ୱ ଗ୍ରାମ |
|---|---|---|---|
| ୧ | ଗୋବିନ୍ଦପୁର | ଗୋବିନ୍ଦପୁର-ଗ | ନୂଆ ସାହି- ବିପିନି ବିହାରୀ ଧୀର ଙ୍କ ଘର ଠାରୁ ଭୋଳେଶ୍ୱର ବେହେରା ଙ୍କ ଘର ପର୍ଯ୍ୟନ୍ତ (ସର୍ଭେ ଗୃହ ସଂଖ୍ୟା ୦୧ ରୁ ୧୭୯) |
| | | | ହରିଜନ ସାହି- କାର୍ତ୍ତିକ ବେହେରା ଙ୍କ ଘର ଠାରୁ ବିନୋଦ କୁମାର ପାତ୍ରୋ ଙ୍କ ଘର ପର୍ଯ୍ୟନ୍ତ (ସର୍ଭେ ଗୃହ ସଂଖ୍ୟା ୧୮୦ ରୁ ୨୨୫) |

ଶ୍ରୀମତୀ ସରିତା ନାୟକ, ୦୮/୦୭/୨୦୨୪

ଶିଶୁବିକାଶପ୍ରକଳ୍ପଅଧିକାରୀ,ଢେଙ୍କାନାଳସଦର

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଢେଙ୍କାନାଳ ସଦର

ଜ୍ଞାପକସଂଖ୍ୟା......୪୯୦......ତାରିଖ.....୦୮.୦୭.୨୦୨୪.....

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଢେଙ୍କାନାଳ ସଦର / ଚିକିତ୍ସା ଅଧିକାରୀ, ବେଲ୍ଟିକିରି / ସାମାଜିକ ସୁରକ୍ଷା ଅଧିକାରୀ, ଢେଙ୍କାନାଳ ସଦର/ ଉପ-ଜିଲ୍ଲାପାଳ, ଢେଙ୍କାନାଳସଦର/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଢେଙ୍କାନାଳ / ଅତ୍ର କାର୍ଯ୍ୟାଳୟ ନୋଟିସବୋର୍ଡ ଙ୍କ ଅବଗତି ତଥା ବିହିତକାର୍ଯ୍ୟନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଶ୍ରୀମତୀ ସରିତା ନାୟକ, ୦୮/୦୭/୨୦୨୪

ଶିଶୁବିକାଶପ୍ରକଳ୍ପଅଧିକାରୀ,ଢେଙ୍କାନାଳସଦର

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଢେଙ୍କାନାଳ ସଦର

ଜ୍ଞାପକସଂଖ୍ୟା......୪୯୯...... ତାରିଖ.....୦୮.୦୭.୨୦୨୪.....

ଏହାର ଏକକିତା ନକଲ ସମ୍ପୃକ୍ତ ୱାର୍ଡ ର ସରପଞ୍ଚ ଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣା କରାଗଲା।ଏହାର ନକଲ କୋଠଘର/ ଗ୍ରାମର ମଧ୍ୟସ୍ଥଳ /ଅଙ୍ଗନୱାଡି କେନ୍ଦ୍ର ର କାନ୍ଥ ରେ ଝୁଲାଇବା ପାଇଁ ପ୍ରେରଣ କରାଗଲା।

ଶ୍ରୀମତୀ ସରିତା ନାୟକ, ୦୮/୦୭/୨୦୨୪

ଶିଶୁବିକାଶପ୍ରକଳ୍ପଅଧିକାରୀ,ଢେଙ୍କାନାଳସଦର

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଢେଙ୍କାନାଳ ସଦର